## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଜୟପୁର, ୧୫।୬(ପବନ ପାଣିଗ୍ରାହୀ)– ଗୋଡିଆ ଧୋବାସାହିର ଜଣେ ଯୁବକ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଉକ୍ତ ସାହିର ଦିଲ୍ଲିପ ମାଝି (୨୪)। ପୋଲିସ ସୂଚନା ଅନୁଯାୟୀ ଜୟପୁର ସଦର ଥାନା ଅନ୍ତର୍ଗତ ଭୂତନାଥ ମନ୍ଦିର ନିକଟ ଅନ୍ତା ରାସ୍ତାରେ ଏକ ଗଛରେ ଦିଲ୍ଲିପ ଆତ୍ମହତ୍ୟା କରିଥିବା ଦେଖି ଲୋକେ ସଦର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୧୫।୬(ପବନ ପାଣିଗ୍ରାହୀ)– ଚୋରା ମଦ କାରବାର କରୁଥିବା ମଦ ବ୍ୟବସାୟୀମାନେ ଦେଶୀ ମଦ ପ୍ରସ୍ତୁତ କରି ଲୁଚାଇ ରଖିଥିବା ସୂଚନା ପାଇ ଅବକାରୀ ବିଭାଗ କର୍ମଚାରୀ ଶନିବାର ମୁଳାସର ଜଙ୍ଗଲରେ ଚଢାଉ କରିଥିଲେ। ତେବେ ଚଢାଉ ସମ୍ପର୍କରେ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ଅବକାରୀ କର୍ମଚାରୀମାନେ କେବଳ ମଦ ଭାଟି ଭାଙ୍ଗି ୧ ହଜାର ଲିଟର ପୋଚ ଜବତ କରି ନଷ୍ଟ କରି ଫେରିଥିବା ଓଆଇସି ନିଳାଦ୍ରି ବିହାରୀ ମିଶ୍ର କହିଛନ୍ତି ।

### ପୋଖରୀରେ ବୁଡ଼ି ଜଣେ ମୃତ

ପାପଡାହାଣ୍ଡି, ୧୫।୬ (ସ୍ୱପ୍ନଜିତ ପଟ୍ଟନାୟକ) ପାପଡ଼ାହାଣ୍ଡି ବ୍ଲକ ଖୁଟୁବାଇ ପଞ୍ଚାୟତ ଫୁଲପଦର ଗ୍ରାମରେ ପୋଖରୀରେ ବୁଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଡମ୍ବୁ ପୁଜାରୀ। ପୋଖରୀରେ ଗାଧୋଉଥିବା ସମୟରେ ସେ ପାଣିରେ ବୁଡି ଯାଇଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକେ ଚାରି ଆଡ଼େ ଖୋଜି ଶେଷରେ ପୋଖରି ହୁଡ଼ାରୁ ଡମ୍ବୁଙ୍କ କପଡ଼ା ପାଇଥିଲେ। ସେ ବୁଡ଼ି ଯାଇଥିବା ଭାବି ଲୋକେ ପାଣିରେ ଖୋଜାଖୋଜି କରିଥିଲେ। ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡମ୍ବୁଙ୍କ ମୃତଦେହ ପାପଡାହାଣ୍ଡି ଶବ ଗୃହରେ ରଖଯାଇଛି। କୋଡ଼ିଙ୍ଗା ଥାନାରେ ଅଭିଯୋଗ ହୋଇଛି।

### ଟ୍ରାକ୍ଟର ଓଲଟି ଚାଳକ ମୃତ

ଟିକିରି, ୧୫।୬(ପ୍ରଫୁଲ୍ଲକୁମାରବେହେରା) କାଶୀପୁର ବ୍ଲକ ହାଡ଼ିଗୁଡ଼ା ପଞ୍ଚାୟତ ଶିରିଗୁଡ଼ା ଗ୍ରାମ ନିକଟରେ ଶୁକ୍ରବାର ରାତିରେ ଏକ ଟ୍ରଲି ବିହୀନ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୋରଖପୁର ପଞ୍ଚାୟତ କାହ୍ନୁଗୁଡ଼ା ଗ୍ରାମର ଭରତ ମାଝୀ। ଭରତ କାହ୍ନୁଗୁଡ଼ା ବ୍ରିଜ କାମ କରୁଥିବା ଠିକାଦାର ଟୁକୁନା ଚୌଧୁରୀଙ୍କ ଟ୍ରାକ୍ଟରରେ ଡ୍ରାଇଭର ଭାବେ କାମ କରୁଥିଲେ। ଶୁକ୍ରବାର ଭରତ କୌଣସି କାମରେ ଟ୍ରାକ୍ଟର ଧରି ଶିରିଗୁଡ଼ାରୁ ଫେରିବା ସମୟରେ ଦୁର୍ଘଟଣା ଘଟି ତାଙ୍କ ମୃତ୍ୟୁ ହୋଇଥିଲା। ଶନିବାର ସକାଳେ ଦୋରାଗୁଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତକଙ୍କ ପରିବାର ନିହାତି ଗରିବ ହେତୁ କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ସହ ଗ୍ରାମବାସୀ ମୃତଦେହ ଉଠାଇବାକୁ ମନା କରିଥିଲେ। ଖବର ଲେଖା ହେବା ସୁଦ୍ଧା ଦୋରାଗୁଡ଼ା ଥାନାଧିକାରୀ କିରଣ ବାଳାସାମଲ, ଆଦିବାସୀ ସମାଜ ମୁଖିଆମାନେ ଲୋକଙ୍କୁ ବୁଝାସୁଝା କରୁଥିଲେ।

# ୪୦ ରୁଟ୍‌ରେ ବସ୍ ଚଳାଚଳ ବନ୍ଦ

## ବସ୍ ମାଲିକଙ୍କ ଦ୍ୱାରା କର୍ମଚାରୀଙ୍କୁ ଗାଳି, ମାଡ଼ ଘଟଣାର ପ୍ରତିବାଦ

କୋରାପୁଟ, ୧୫।୬(ଅମିତାଭ ବେହେରା)


ପ୍ରତିବାଦ ଜଣାଇଥିବା କର୍ମଚାରୀ।

କୋରାପୁଟ ଘରୋଇ ବସ୍‌ର ଜଣେ ମାଲିକ କର୍ମଚାରୀଙ୍କ ପ୍ରତି ଆଶାଳୀନ ବ୍ୟବହାର ପ୍ରଦର୍ଶନ ସହ ମାଡ଼ ମାରିବା ନେଇ କର୍ମଚାରୀମାନେ ଏହାର ପ୍ରତିବାଦ କରିଛନ୍ତି। ଶନିବାର ସମସ୍ତ ଘରୋଇ ବସ୍ କର୍ମଚାରୀ ଧର୍ମଘଟ ଡାକରା ଦେଇଥିଲେ। ଫଳରେ ଜିଲାର ବିଭିନ୍ନ ଅଞ୍ଚଳକୁ ଯାତାୟାତ କରୁଥିବା ସମସ୍ତ ଘରୋଇ ବସ୍ ଚଳାଚଳ ବନ୍ଦ ରହିଥିଲା। ଏଥିଯୋଗୁ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହୋଇଥିଲେ। ଶୁକ୍ରବାର ସନ୍ଧ୍ୟା ୫ ଟା୪୫ରେ ଏମ୍‌ଏସ୍‌ଏସ୍ ବସ୍ ୨ ମିନିଟ୍ ବିଳମ୍ବ କରିବାରୁ ବସ୍ ମାଲିକ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିକରିବା ସହ ମାଡ଼ ମାରିଥିଲେ। ଏହି ଘଟଣାକୁ ନେଇ ମାଲିକ ସଂଘ ଓ କର୍ମଚାରୀ ସଂଘ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଲୋଚନା ଚାଲିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶନିବାର ସକାଳୁ ସମସ୍ତ କର୍ମଚାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଡୁଆ, ଦଶମନ୍ତପୁର, ନାରାୟଣପାଟଣା, ଜୟପୁର, ଉମରକୋଟ, ରାୟଗଡ଼ା ଆଦି ୪୦ ରୁଟ୍‌ରେ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ବସ୍‌କୁ କର୍ମଚାରୀମାନେ ବନ୍ଦ କରି ଦେଇଥିଲେ ବୋଲି ସଂଘ ସମ୍ପାଦକ ନୀଳାଦ୍ରି କତାପାଲି କହିଛନ୍ତି। ବସ୍‌ମାଲିକମାନେ ବାରମ୍ବାର ଏପରି ବ୍ୟବହାର କରୁଥିବାରୁ ଏହାର ସମାଧାନ ନ ହେବା ଯାଏ ଗାଡ଼ି ଚଳାଇବେ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ମନ୍ତ୍ରୀ ନିତ୍ୟାନନ୍ଦ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କରଙ୍କୁ ସମ୍ବର୍ଦ୍ଧନା

ଡାବୁଗାଁ, ୧୫।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ବିଦ୍ୟାଳୟ ଓ ଗଣ ଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝିଙ୍କୁ ବ୍ଲକ ଭାଜପା ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ନିତ୍ୟାନନ୍ଦ ଗଣ୍ଡ ଏବଂ ଗୌରୀ ଶଙ୍କର ମାଝିଙ୍କ ସହ ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ରାଜ୍ୟ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗୋବିନ୍ଦ ଜୈନ, ରାଜ୍ୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଭ୍ୟ ଜୟନ୍ତ କୁମାର ପାତ୍ର, ସୁଧୀର ପଣ୍ଡା ଏବଂ ଜିଲା ସମ୍ପାଦକ ଅରୁଣ ପ୍ରସନ୍ନ ନାୟକ ମଧ୍ୟ ଉପସ୍ଥିତ ଥିଲେ। ଡାବୁଗାଁରେ ମଣ୍ଡଳ ସଭାପତି ଜେ. ରାଜଶେଖର ରାଓ, ଦିବାନ ସିଂ, ଜଗଦୀଶ ଭତ୍ରା ଓ ନରେଶ ସିଂ, ରାଜେନ୍ଦ୍ର ବିଷୋୟୀ, ଲକ୍ଷ୍ମୀ ଜାନୀ, କାଞ୍ଚନ ହରିହର, ବନ୍ଧୁ ମାଝି, ଯୁବମୋର୍ଚ୍ଚା ସଭାପତି ୱାଇ. ରାଜକୁମାର, କୃଷକ ମୋର୍ଚ୍ଚା ମଣ୍ଡଳ ସଭାପତି କିରଣ ରାଓ, ଜି. ସତ୍ୟା ରାଓ, ଲଛୁ ମାଝି, ରତନ କଲାର, ବିଶ୍ୱନାଥ ମାଝି, ଦିନେଶ ସିଂ ଏବଂ ଅନ୍ୟମାନେ ଯୋଗଦେଇଥିଲେ।

# ଅସହାୟ ବୃଦ୍ଧ ଦମ୍ପତି ପାଖରେ ପହଞ୍ଚିଲା ପ୍ରଶାସନ


ବୃଦ୍ଧ ଦମ୍ପତିଙ୍କୁ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଇଥିବା ପଲିଥିନ୍।

ଦଶମନ୍ତପୁର, ୧୫।୬ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଚିକାମ୍ବ ପଞ୍ଚାୟତ ସଦର ମହକୁମାସ୍ଥିତ ଆଦିବାସୀ ସାହିରେ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ବୃଦ୍ଧ ଦମ୍ପତିଙ୍କ ପାଖରେ ପ୍ରଶାସନ ପହଞ୍ଚିଛି। ଶୁକ୍ରବାର କାଠ ଚୁଲିରେ ରୋଷେଇ କରୁଥିବା ସମୟରେ ଛଣ ଛପର ଘରେ ହଠାତ୍ ନିଆଁ ଲାଗି ଯାଇଥିଲା। ବୃଦ୍ଧ ଦମ୍ପତି ଦୁଲବ ପରଜା ଓ ଲାଡ ପରଜା ନିଆଁ ଦାଉରୁ ବର୍ତ୍ତିଯାଇଥିଲେ। ଘଟଣା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପରେ ଭାରପ୍ରାପ୍ତ ତହସିଲଦାର ଜଗୁ ପୂଜାରୀଙ୍କ ନିର୍ଦ୍ଦେଶରେ ଆର୍‌ଆଇ ବୃଦ୍ଧ ଦମ୍ପତିଙ୍କ ନିକଟରେ ପହଞ୍ଚି ପଲିଥିନ ସହ ଚାଉଳ ସହାୟତା ଯୋଗାଇ ଦେଇଛନ୍ତି। ତୁରନ୍ତ ଏହି ଦମ୍ପତିଙ୍କୁ ଆବାସ ଯୋଜନାରେ ସାମିଲ କରି ଗୃହ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜନସାଧାରଣଙ୍କ ସମସ୍ୟା ସମାଧାନ ନେଇ ଦୃଷ୍ଟି ଦେବି


କୋରାପୁଟ ସର୍କିଟ ହାଉସ୍‌ଠାରେ କ୍ୟାବିନେଟ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ସ୍ୱାଗତ କରାଯାଉଛି।

କୋରାପୁଟ, ୧୫।୬(ଅମିତାଭ ବେହେରା )

**କୋରାପୁଟରେ କ୍ୟାବିନେଟ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ**

କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସ୍‌ଠାରେ ଶନିବାର ରାଜ୍ୟ କ୍ୟାବିନେଟ୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଜିଲାପାଳ ଭି. କୀର୍ତ୍ତିଭାସନ ଓ ଏସ୍‌ପି ଅଭିନବ ସୋନକର ସାକ୍ଷାତକରି ଶୁଭେଚ୍ଛା ଜଣାଇଛନ୍ତି। ଜିଲାର କୋଟିଆ ସମେତ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ମନ୍ତ୍ରୀ ଆଲୋଚନା କରିଥିଲେ। ସେହିପରି କୋରାପୁଟ ବିଧାୟକ ରଘୁରାମ ମାଛଙ୍କ ସମେତ ଜିଲାର ବହୁ ଭାଜପା ନେତା ଓ କର୍ମୀ ମନ୍ତ୍ରୀ ଗଣ୍ଡଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଜିଲାର ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହ ଜିଲାର ସମସ୍ୟା ନେଇ ଆଲୋଚନା କରିଥିଲେ। କୋରାପୁଟ ବିଧାୟକ ଓ ନବରଙ୍ଗପୁର ବିଧାୟକ ଗୌରୀ ମାଝୀ, ଜିଲା ପ୍ରଭାରୀ ସୁମନ୍ତ ପ୍ରଧାନ, ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ରାଷ୍ଟ୍ର ସେବିକା ସମିତିର ପ୍ରବେଶ, ପ୍ରବୋଧ ବର୍ଗ

ଜୟପୁର, ୧୫।୬(ପବନ ପାଣିଗ୍ରାହୀ)

ରାଷ୍ଟ୍ର ସେବିକା ସମିତି ଉତ୍କଳ ପ୍ରାନ୍ତର ଏକ ପ୍ରବେଶ, ପ୍ରବୋଧ ପ୍ରଶିକ୍ଷଣ ଶିବିର ଶାରଦା ବିହାରସ୍ଥିତ ବିଦ୍ୟାମନ୍ଦିରଠାରେ ଜୁନ୍ ୧ରୁ ଆରମ୍ଭ ହେବ। ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପରିପ୍ରେକ୍ଷୀରେ ଶନିବାର ଏକ ପଥ ସଞ୍ଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୟପୁର ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ସଡକ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ମାର୍ଗ ଦେଇ ବସଷ୍ଟାଣ୍ଡ ଟ୍ରାଫିକ ଛକ, ନୂଆସାହି, ମହାନ୍ତି ସାହି ଦେଇ ଶାରଦା ବିହାର ବିଦ୍ୟାମନ୍ଦିରଠାରେ ପହଞ୍ଚି ଧ୍ୱଜା ଅବତରଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ନାଗପୁରରୁ ରାଷ୍ଟ୍ର ସେବିକା ସମିତିର ରାଷ୍ଟ୍ର ସଞ୍ଚାଳିକା ପି. ସାନ୍ତା ଦେବୀ, ଉତ୍କଳ କ୍ଷେତ୍ର ପ୍ରଚାରିକା ଲତିକା ପାଢ଼ୀ, ପ୍ରାନ୍ତ କାର୍ଯ୍ୟବାହିକା ଆରତି ବୈଶାଖୀ, ବର୍ଗାଧିକାରୀ ସୂତପା ଦେ, ବବିତା ସାହୁ, ଶାରିରୀକ ପ୍ରମୁଖ ପୂଜା ପଟେଲ ପ୍ରମୁଖ ପରିଚାଳନା କରିଥିଲେ।

# ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଆଇନଜୀବୀ

ଜୟପୁର, ୧୫।୬(ପବନ ପାଣିଗ୍ରାହୀ)

ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେବା ପରେ ଶନିବାର ନିଜ ନିର୍ବାଚନ ମଣ୍ଡଳୀ ନବରଙ୍ଗପୁର ଜିଲା ଉମରକୋଟ ଯାଉଥିବା ସମୟରେ ସକାଳ ୧୦ଟାରେ ତାଙ୍କୁ ଜୟପୁରରେ ଆଇନଜୀବୀମାନେ ଶୁଭେଚ୍ଛା ଜଣାଇଛନ୍ତି। ଜୟପୁର କୋର୍ଟ ଛକ ନିକଟରେ ଆଇନଜୀବୀମାନେ ତାଙ୍କୁ ଫୁଲ ତୋଡାଦେଇ ଶୁଭେଚ୍ଛା ଜଣାଇଥିଲେ। ଓକିଲ ସଂଘ ସଭାପତି ତ୍ରିନାଥ ସିଂ ଲାଲ, ବରିଷ୍ଠ ଆଇନଜୀବୀ ମଦନ ମୋହନ ନାୟକ, ପି. ରମେଶ ପାତ୍ର, ବୀରେଶ ପଟ୍ଟନାୟକ, ଦିବାକର ରାଓ, ଗିରିଧର ଖରା, ମୀନକେତନ ପରିଚ୍ଛା, ଦିବାକର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।


ଆଇନଜୀବୀମାନେ ମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ୨୨୦ କେଜି ଗଞ୍ଜେଇ ଜବତ

ସୁନାବେଡ଼ା, ୧୫।୬(କୃତ୍ତିବାସ ପ୍ରଧାନ)

ନନ୍ଦପୁର ପୋଲିସ, ଉପଖଣ୍ଡ ପାଡୁଆ ପୋଲିସ ପାଟ୍ରୋଲିଂ ବେଳେ ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଶନିବାର ସନ୍ଧ୍ୟା ସାଢେ ୫ଟାରେ ପାଟ୍ରୋଲିଂ ଟିମ୍ ଚାଟୁଆ ପଞ୍ଚାୟତର ପୁଲିକଣ୍ଡା ଗ୍ରାମ ଜଙ୍ଗଲରେ ଚଢ଼ାଉକରି ଚାଲାଣ ପାଇଁ ଗଚ୍ଛିତ ଥିବା ୨୨୦ କେଜି ଗଞ୍ଜେଇ ଜବତ କରିଥିବା ପାଡୁଆ ଥାନାଧିକାରୀ ଅଶୋକ ବିଶୋୟୀ କହିଛନ୍ତି। ଚଢ଼ାଉ ସମୟରେ ଏସ୍‌ଆଇ ଦୀପକ ବାରିକ ଓ ଅନ୍ୟ ସହକର୍ମୀ ସାମିଲ ଥିଲେ। ଏନେଇ ପାଡୁଆ ଥାନା କେସ୍ ନଂ. ୮୦/୨୪ରେ ମାମଲା ରୁଜୁ ହୋଇଥିବା ଏବଂ ଏସ୍‌ଆଇ ଟୁନା ଶବର ଅଧିକ ତଦନ୍ତ କରୁଥିବା ଥାନା ଅଧିକାରୀ ବିଶୋୟୀ କହିଛନ୍ତି।



# ପିଠାପଣା, ନାଚଗୀତରେ ରଜ ଉତ୍ସବ

କୋରାପୁଟ, ୧୫।୬(ଅମିତାଭ ବେହେରା)

**ରଜରେ ଉତ୍ସବ ମୁଖର କୋରାପୁଟ**

ଓଡିଶାର ଗଣପର୍ବ ରଜ ଉତ୍ସବ ନେଇ ଗାଁରୁ ସହର ପର୍ଯ୍ୟନ୍ତ ସବୁ ସ୍ଥାନ ହୋଇଉଠିଛି ଉତ୍ସବ ମୁଖର। ୩ ଦିନ ଧରି ପାଳନ ହେଉଥିବା ରଜ ପାଇଁ ସବୁଠି ଜମିଛି ପିଠାପଣାର ଆସର। କୋରାପୁଟ ସହରର ତୃତୀୟ ବାଟାଲିୟନର ପଡିଆରେ ଧୁମଧାମରେ ଜମିଛି ନାଚଗୀତ, ମିଠା, ପୋଡପିଠା, ଦୋଳି ଓ ରଜପାନରେ ଜମିଛି ରଜ ଉତ୍ସବ। ଚଳଚଞ୍ଚଳ ହୋଇ ଉଠିଛି ବାଟାଲିୟନ ପଡିଆ। କୋରାପୁଟ ଭଳି ଉପାନ୍ତ ଅଞ୍ଚଳରେ ମଧ୍ୟ ପହିଲି ରଜର ଉତ୍ସବ ସମସ୍ତଙ୍କ ହୃଦୟକୁ ଛୁଇଁଛି। ଢେମସା ଗୀତ ଏବଂ ଓଡିଶୀ ନୃତ୍ୟରେ ମସଗୁଲ ହୋଇଛନ୍ତି ସମସ୍ତେ। ବାଟାଲିୟନର ଦୁର୍ଗପତିଙ୍କ ସହ ଅଧିକାରୀ ଓ ଯବାନ ସମସ୍ତେ ସାମିଲ ହୋଇ ରଜ ପର୍ବକୁ ପାଳନ କରିଛନ୍ତି। ପରସ୍ପର ଭିତରେ ପୋଡ ପିଠା, ପାନ ଖିଆ ସହ ରଜଦୋଳିର ପସରା ବେଶ୍ ଆନନ୍ଦଦାୟକ ବୋଲି କହିଛନ୍ତି ଉତ୍ସବରେ ସାମିଲ ହୋଇଥିବା କେତେ ଜଣ ମହିଳା।


ରଜ ଉତ୍ସବରେ ସାମିଲ ହୋଇଥିବା ମହିଳାମାନେ।

# ଜୟପୁରରେ ରଜ ମଉଜ ଉଦ୍‌ଘାଟିତ

ଜୟପୁର, ୧୫।୬(ପବନ ପାଣିଗ୍ରାହୀ)

ଜୟପୁର ରାଜାନହରସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ଶନିବାର ରଜ ମଉଜ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି ସାହିତ୍ୟ ସଂସଦ ଦୀର୍ଘ ବର୍ଷ ଧରି ରଜ ମହୋତ୍ସବ ପାଳନ କରିଆସୁଛି। ଚଳିତ ବର୍ଷ ସଂସଦ ୨୦ ବର୍ଷ ପୂରଣକରି ୨୧ବର୍ଷରେ ପହଞ୍ଚିଛି। ରଜ ଉତ୍ସବ ଉଦ୍‌ଘାଟନ ଅବସରରେ ସମ୍ପାଦକ ଚନ୍ଦ୍ରମଣି ବାରିକ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଅନିଲ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ରୂପେ ଡ. ରାଜେନ୍ଦ୍ର ପାଢ଼ୀ, ମୁଖ୍ୟବକ୍ତା ରୂପେ ମହାଦେବ ଶତପଥୀ, ସମ୍ମାନିତ ଅତିଥି ରୂପେ ମଦନମୋହନ ନାୟକ ଏବଂ ଡ. ସୁରେଶ ଦାସ ଯୋଗଦେଇଥିଲେ। ରଜ ସଂକ୍ରାନ୍ତି ଅବସରରେ କବି ସମ୍ମିଳନୀ ସହ ଝୋଟି, ଚିତା ଓ ପିଠା କାର୍ଯ୍ୟକ୍ରମ ହୋଇଥିଲା। ଛୋଟ ପିଲାଙ୍କ ମଧ୍ୟରେ ନାଚଗୀତ ଏବଂ ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ


ଅତିଥିମାନେ ରଜ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଞ୍ଜିନିୟର ଅନିଲ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଉପ ଆରକ୍ଷୀ ଅଧୀକ୍ଷକ ଶ୍ରୀକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡ. ସୁରେଶ ଦାସ, ସମ୍ମାନିତ ବକ୍ତା ଭାବେ ଡ. ରଘୁନାଥ ଶତପଥୀ ଯୋଗଦେଇ ଗଣପର୍ବ ରଜ ସମ୍ପର୍କରେ ଆଲୋକପାତ କରିଥିଲେ। ସହସମ୍ପାଦକ ଭାଗି ମହାନ୍ତି ଏବଂ ସ୍ମୃତିରଞ୍ଜନ ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଉତ୍ସବରେ ତପସ୍ୱିନୀ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଜି.ମହେଶ ଏବଂ ମୁଦିରଥ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବିତା ଆସରରେ କବୟିତ୍ରୀ ସବିତା ଶତପଥୀ, ଅଶୋକ ମହାରଣା ସଂଯୋଜନା କରିଥିଲେ। ଅନସୂୟା ସାମନ୍ତରା, ଅପର୍ଣ୍ଣା ପଟ୍ଟନାୟକ, ଘାସିରାମ ମହାପାତ୍ର, ପ୍ରପର୍ନି ପାଣିଗ୍ରାହୀ, ମଧୁସୂଦନ ମିଶ୍ର, ଅନନ୍ତ ବିଜୟ ଧୀବର, କନକଲତା ରଥ, ମନୋରଞ୍ଜନ ପଣ୍ଡା, ପଞ୍ଚାନନ ମିଶ୍ର, ମାଧୁରୀ ପଣ୍ଡା, ଅଜୟ ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଦୁର୍ବଳ ନଦୀବନ୍ଧ ମରାମତି ଉପରେ ଗୁରୁତ୍ୱ

**ନବରଙ୍ଗପୁର,୧୫।୬ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା (ବନ୍ୟା) କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝିଙ୍କ ପ୍ରତିନିଧି ଜଗଦୀଶ ଚନ୍ଦ୍ର ବିଶୋୟୀ, ନବରଙ୍ଗପୁର ବିଧାୟକଙ୍କ ପ୍ରତିନିଧି ଶୁଭଜିତ ପାଣିଗ୍ରାହୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲା ଜରୁରିକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଜିଲା ଜରୁରିକାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକଙ୍କ ସମେତ ଜିଲାସ୍ତରୀୟ ସମସ୍ତ ଅଧିକାରୀ, ସମସ୍ତ ବିଡିଓ, ତହସିଲଦାର, ନବରଙ୍ଗପୁର ଓ ଉମରକୋଟ ପୌରସଂସ୍ଥା ନିର୍ବାହୀ ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଖସଡ଼ା ୨୦୨୪ ପୁସ୍ତକ ଉପସ୍ଥିତ ଅତିଥିମାନେ ଉନ୍ମୋଚନ କରିଛନ୍ତି।


ଅତିଥିମାନେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଖସଡ଼ା ୨୦୨୪ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବର୍ଷାଦିନ ବନ୍ୟା ସମୟରେ ଏହାର ସଫଳ ମୁକାବିଲା କିପରି ଭାବରେ କରାଯାଇପାରିବ ସେ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲାରେ ଥିବା ଦୁର୍ବଳ ନଦୀବନ୍ଧଗୁଡିକ ଶୀଘ୍ର ଚିହ୍ନଟକରି ତା'ର ମରାମତି କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ବନ୍ୟାପ୍ରବଣ ଅଞ୍ଚଳଗୁଡିକରେ ପର୍ଯ୍ୟାପ୍ତ ପରିମାଣରେ ଚାଉଳ, କିରୋସିନ, ଚୁଡ଼ା, ଗୁଡ଼, ଗୋଖାଦ୍ୟ, ଔଷଧ ବ୍ୟତୀତ ଶୁଦ୍ଧ ପାନୀୟଜଳ ଏବଂ ସ୍ୱାସ୍ଥ୍ୟ ପରିମଳ ବ୍ୟବସ୍ଥା ଉପରେ ଯଥା ସମ୍ଭବ ଆଗୁଆ ପଦକ୍ଷେପ ଗ୍ରହଣ କରିବା ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ସମ୍ଭାବ୍ୟ ମହାମାରୀକୁ ପ୍ରତିହିତ କରିବା ନିମନ୍ତେ ସିଡିଏମ୍‌ଓ ଏବଂ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ବନ୍ୟାଞ୍ଚଳରେ ଆବଶ୍ୟକୀୟ ଔଷଧ ତଥା ସାପ କାମୁଡ଼ା ଇଞ୍ଜେକସନ୍ ,ହେଲୋଜିନ୍ ବଟିକା, ଓଆର୍‌ଏସ୍, ବ୍ଲିଚିଂ ଆଦି ମହଜୁଦ ରଖିବା ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି। ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତଭାବେ ଉଦ୍ଧାରକରି ବନ୍ୟା ଆଶ୍ରୟସ୍ଥଳରେ ରଖିବା ବ୍ୟବସ୍ଥା, ଯୋଗାଯୋଗ ବ୍ୟବସ୍ଥା, ଖାଦ୍ୟ, ପାନୀୟ, ଶିଶୁ ଖାଦ୍ୟ, ଔଷଧ, ଆଲୋକ ବ୍ୟବସ୍ଥା, ନିୟନ୍ତ୍ରଣ କେନ୍ଦ୍ର ସ୍ଥାପନ, ମହିଳା, ଶିଶୁ, ଦିବ୍ୟାଙ୍ଗ ଓ ବୃଦ୍ଧାବୃଦ୍ଧଙ୍କୁ ସୁରକ୍ଷିତ ସ୍ଥାନାନ୍ତରିତ ଉପରେ ଆଲୋକପାତ କରାଯାଇଛି। ବର୍ଷା ପୂର୍ବରୁ ନଦୀବନ୍ଧ ଘାଇ ମରାମତି, ସହରାଞ୍ଚଳରେ ନାଳ ସଫେଇ, ମରାମତି, ପାଇପ୍ ଦ୍ୱାରା ବିଶୁଦ୍ଧ ବିଶୋଧିତ ଜଳ ଯୋଗାଣ ନଳକୂପ ବିଶୋଧନ, ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ଏବଂ ବିପର୍ଯ୍ୟୟ ସମୟରେ ରାସ୍ତା ଅବରୋଧକୁ ହଟାଇବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସେହିପରି ବନ୍ୟା, ବାତ୍ୟା ପରେ ପରେ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ସଡ଼କ ପରିଷ୍କାର, ଅର୍ଦ୍ଧଭଗ୍ନ ବିଦ୍ୟୁତ୍ ଖୁଣ୍ଟଗୁଡିକ ମରାମତି ଓ ପୁନରୁଦ୍ଧାର ଆଦି ସମସ୍ତ ପ୍ରକାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଠିକ୍ ବୃଷ୍ଟିର ପରିମାଣ ଜିଲା ଜରୁରିକାଳୀନ ଉପବିଭାଗକୁ ପ୍ରେରଣ କରିବା ପାଇଁ ସମ୍ପୃକ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା, ପରିଚାଳନା କମିଟି ବୈଠକ**

- ବନ୍ୟାପ୍ରବଣ ଅଞ୍ଚଳରେ ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ
- ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିବାକୁ ପରାମର୍ଶ

# ଝରିଗାଁର କ୍ରୀଡ଼ାବିତ୍‌ଙ୍କୁ ୭ ପଦକ


ଝରିଗାଁ ବିଧାୟକ ନରସିଂ ଭତ୍ରାଙ୍କ ସହ ପଦକ ବିଜେତା କ୍ରୀଡ଼ାବିତ୍ ।

**ଧୋଡ୍ରା, ୧୫।୬(ଗଣେଶ ଚନ୍ଦ୍ର ଛତ୍ର)**

- ରାଜ୍ୟସ୍ତରୀୟ ଜୁନିୟର୍ ଆଥଲେଟିକ୍ସ ଚାମ୍ପିୟନଶିପ୍
- ପଦକ ଜିତିଥିବା କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ

ଝରିଗାଁ ଭଳି ଉପାନ୍ତ ବ୍ଲକରୁ ବାହାରି ନବରଙ୍ଗପୁର ଜିଲା ପାଇଁ ଗୌରବ ଆଣିଛନ୍ତି କ୍ରୀଡା ପ୍ରତିଭା। ଝରିଗାଁ ବ୍ଲକ ବି.ଏସ୍.ପଦର ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ୫ ଛାତ୍ରୀ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡ଼ିୟମରେ ମେ ୩୦ ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜୁନିୟର୍ ଆଥଲେଟିକସ୍ ଚାମ୍ପିୟନସିପରେ ଭାଗ ନେଇ ୭ ପଦକ ପାଇଛନ୍ତି। ପଦକ ପାଇବା ପରେ ଏହି ପ୍ରତିଭା ମାନଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଝରିଗାଁର ନବ ନିର୍ବାଚିତତତ ବିଧାୟକ ନରସିଂ ଭତ୍ରା ସମସ୍ତ ପଦକ ହାସଲ କରିଥିବା କ୍ରୀଡ଼ା ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଯଥା ସମ୍ଭବ ପ୍ରଚେଷ୍ଟା କରିବେ ବୋଲି କହିଛନ୍ତି।

ସ୍କୁଲର ୧୦ମ ଶ୍ରେଣୀ ଛାତ୍ରୀ ଚମ୍ପା ଭତ୍ରା ହାଇ ଜମ୍ପରେ ରୌପ୍ୟ ପଦକ ପାଇଥିବା ବେଳେ ରୁତୁ ପନ୍ଥିଆ ପେଣ୍ଟା ଥାଲାନରେ କାଂସ୍ୟ ପଦକ ହାତେଇଚନ୍ତି। ସେହିଭଳି ୯ମ ଶ୍ରେଣୀ ଛାତ୍ରୀ ସାବିତ୍ରୀ ଚାଲାନ ୮୦ ମିଟର ହଡଲ ଦୌଡ଼ରେ ରୌପ୍ୟ ଏବଂ ପେଣ୍ଟା ଥାଲାନରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିଭଳି ରାଧା ସାନ୍ତା ୩ ହଜାର ମିଟର ଚାଲିରେ ରୌପ୍ୟ ପଦକ, ଅଷ୍ଟମ ଶ୍ରେଣୀ ଛାତ୍ରୀ କୁନି ରାଜଗଣ୍ଡ ଟ୍ରାଇ ଥାଲାନରେ ସ୍ୱର୍ଣ୍ଣ ପଦକ ଏବଂ ଜାଭେଲିନରେ ରୌପ୍ୟ ପଦକ ଆଣି ଜିଲାକୁ ଗୌରବାନ୍ୱିତ କରିଛନ୍ତି। ଏହି ଚାମ୍ପିୟନଶିପରେ ନବରଙ୍ଗପୁର ଜିଲ୍ଲାକୁ ମୋଟ ୧୨ ପଦକ ମିଳିଥିବା ବେଳେ କେବଳ ବିଏସପଦର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ୭ ପଦକ ଆଣି ଝରିଗାଁ ବ୍ଲକକୁ ଗୌରବାନ୍ୱିତ କରିଛନ୍ତି। ଏହି ସମସ୍ତ କ୍ରୀଡା ପ୍ରତିଭା ଉମରକୋଟସ୍ଥିତ ବିଜୁ ପଟ୍ଟନାୟକ କ୍ରୀଡା ଷ୍ଟାଡିୟମରେ ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ନେଇଥିଲେ। ପଦକ ପାଇବା ପରେ ବିଜୁ ପଟ୍ଟନାୟକ କ୍ରୀଡ଼ା ଷ୍ଟାଡ଼ିୟମର ପ୍ରଶିକ୍ଷକ ସପନ ବୈରାଗୀ, ଏମ୍. ବିଜୟ କୁମାର, ମନୋଜ ମାଝିଙ୍କ ସହ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାଧୁରାମ ଭତ୍ରା ଏବଂ ଅନ୍ୟ ଶିକ୍ଷକଙ୍କୁ ଧନ୍ୟବାଦ ଦେଇଛନ୍ତି। ବେଳେ ବିଜୁ ପଟ୍ଟନାୟକ କ୍ରୀଡା ଷ୍ଟାଡିୟମରେ ଛାତ୍ରାବାସ ନିର୍ମାଣ ହୋଇପାରିଲେ ଏଥିରୁ ଅନେକ କ୍ରୀଡ଼ା ପ୍ରତିଭା ରାଜ୍ୟ ତଥା ଜାତୀୟ ଏବଂ ଆନ୍ତର୍ଜାତୀୟ କ୍ରୀଡ଼ାରେ ପ୍ରତିଯୋଗୀତା ପାଇଁ ପ୍ରଶିକ୍ଷଣ ନେଇ ପାରିଥାନ୍ତେ ବୋଲି ପଦକ ବିଜେତାମାନେ କହିଛନ୍ତି।

# ଉମରକୋଟକୁ ସବ୍‌ଡିଭିଜନ ଘୋଷଣା ନେଇ ପ୍ରତିଶ୍ରୁତି

**ଉମରକୋଟ, ୧୫।୬ (ସନ୍ତୋଷ ଶତପଥୀ)**

## ଗଣଶିକ୍ଷା ମନ୍ତ୍ରୀଙ୍କୁ ଉମରକୋଟରେ ସମ୍ବର୍ଦ୍ଧନା

ଉମରକୋଟ ବିଧାୟକ ତଥା ରାଜ୍ୟ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମନ୍ତ୍ରୀ ହେବା ପରେ ଆଜି ପ୍ରଥମ ଥର ପାଇଁ ଉମରକୋଟ ଗସ୍ତ କରିଛନ୍ତି। ଡିଏନ୍‌କେ ଛକରୁ ହଜାର ହଜାର ସଂଖ୍ୟାରେ ଭାଜପା କର୍ମୀ ଓ ସଧାରଣ ଜନତା ଫୁଲ ତୋଡା, ଉତ୍ତରୀୟ ପ୍ରଦାନ ସହ ବାଣ ଫୁଟାଇ, ଡିଜେ ବଜାଇ ସ୍ୱାଗତ କରିଥିଲେ। ଶୋଭାଯାତ୍ରା ଉମରକୋଟ ସହର ପରିକ୍ରମା କରିଥିଲା। କର୍ମୀ ଓ ସଧାରଣ ଜନତା ପକ୍ଷରୁ ରାସ୍ତାରେ ମିଠା ବଣ୍ଟାଯାଇଛି। ଉମରକୋଟ ସହରରେ ଭୁ ବନ୍ଦୋବସ୍ତ ଯେମିତି ଶୀଘ୍ର ହେବ ତାହା ପ୍ରାଥମିକତା ହେବ ବୋଲି ସେ କହିଛନ୍ତି। ଏଥିସହ ଉମରକୋଟକୁ ସବ ଡିଭିଜନ ଘୋଷଣା କରିବା ସହ ବ୍ଲଡ଼ ବ୍ୟାଙ୍କ, ବାଇ ପାସ ରାସ୍ତା କାର୍ଯ୍ୟ ଶୀଘ୍ର କରାଯିବ ବୋଲି ସେ କହିଛନ୍ତି। ରେଳ ରାସ୍ତା ପାଇଁ ଜମି ଅଧିଗ୍ରହଣ, ଇଥନାଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଯେଉଁସବୁ ପ୍ରତି ବନ୍ଧକ ରହିଛି ସେ ବିଷୟରେ ଜିଲା ପ୍ରଶାସନ ସହ ଆଲୋଚନା କରାଯାଇଛି। ରାଜ୍ୟ ଗଣ ଶିକ୍ଷା ମନ୍ତ୍ରୀ ଭାବରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର କରାଯି। ମନ୍ତ୍ରୀ ପଦ ଚାଲେଞ୍ଜ ଭାବେ ଗ୍ରହଣ କରିଛି ବୋଲି ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।


ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

# ୧୭୬ ଜୀବନ୍ତ କଇଁଛ ଜବତ, ୪ ଗିରଫ


ଗିରଫ ଅଭିଯୁକ୍ତଙ୍କ ସହ ବନ ବିଭାଗ ଅଧିକାରୀ ଓ ୱାଇଲ୍ଡ ଲାଇଫ ଟିମ୍।

**ଝରିଗାଁ,୧୫।୬(କିଶୋର ଚନ୍ଦ୍ର ମଣ୍ଡଳ)**

କଳାହାଣ୍ଡିରୁ ନବରଙ୍ଗପୁର ଜିଲାକୁ ଚୋରା ଚାଲାଣବେଳେ ଝରିଗାଁ ବନ ବିଭାଗ ୧୭୬ କଇଁଛ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ୪ଜଣ ଯୁବକଙ୍କୁ ଗିରଫ କରିବା ସହ ୨ ବାଇକ୍ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କଳାହାଣ୍ଡି ଜଲା ଆମପାଣି ଥାନା ଅଧୀନ ଗୋତମୁଣ୍ଡା ଗ୍ରାମର ଦିଗାମ୍ବର ଗୋପାଳ (୨୯), ଜୟପାଟଣା ଥାନା ସର୍ଗିଗୁଡ଼ା ଗ୍ରାମର ଧରମ ଚାଲାଣ (୪୦), ତ୍ରିଲୋଚନ ଚାଲାଣ (୩୮) ଏବଂ ଗଗେନେଶ୍ୱର ନାୟକ (୩୬)।

ସୂଚନାନୁଯାୟୀ, କଳାହାଣ୍ଡି ସୀମାନ୍ତରେ ରହିଥିବା ଝରିଗାଁ ବନବିଭାଗର କଂଗ୍ରା ଫରେଷ୍ଟ ଅଞ୍ଚଳ ରହିଛି। ରଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତି, ଫରେଷ୍ଟ ଗାର୍ଡ ଏମ୍.ବାବାଜୀ ରାଓ ଏବଂ ରମାକାନ୍ତ ସାହୁ ପାଟ୍ରୋଲିଂ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ୮ଟା ୩୦ରେ ବାଇକ୍ (ସିଜି-୦୪ଡିପି ୬୨୪୧) ଓ (ଓଡ଼ି-୦୮ଆର୍- ୩୨୬୫)ରେ ୪ଜଣ ଯୁବକ ବସ୍ତାରେ କିଛି ବାନ୍ଧି ଯାଉଥିବା ହୋଇ କିଛି ଧରି ଯାଉଥିବା ଦେଖି ସେମାନଙ୍କୁ ଅଟକାଇ ଥିଲେ । ଯାଞ୍ଚବେଳେ ସେମାନଙ୍କଠାରୁ ୧୭୬ଟି ଜୀବନ୍ତ କଇଁଛ ଉଦ୍ଧାର କରାଯାଇଛି।


ଉଦ୍ଧାର କଇଁଛ।

ରେଞ୍ଜର ୱାଇଲ୍ଡ ଲାଇଫ୍ ଟିମ୍, ପାରା ଷ୍ଟାଫ୍ ତଦନ୍ତ କରି ସମସ୍ତ କଇଁଛ ସହ ୪ଯୁବକ ଓ ବାଇକକୁ ଧରି ଝରିଗାଁ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆଣିଥିଲେ। କେସ ନମ୍ବର ୭୪/୨୦୨୪-୨୫ ଅନୁଯାଇ ଅଭିଯୁକ୍ତମାନଙ୍କୁ ଗିରଫ କରି ବନ୍ୟପ୍ରାଣୀ ଆଇନ ଆଧାରରେ କୋର୍ଟ ଚାଲାଣ କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଝରିଗାଁ ବନ୍ୟପ୍ରାଣୀ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକ କହିଛନ୍ତି।

# ଉଭୟ ଗୋଷ୍ଠୀର ୧୨ କୋର୍ଟ ଚାଲାଣ

## ଜମିଜମାକୁ କେନ୍ଦ୍ରକରି ୨ ଗୋଷ୍ଠୀ ମଧ୍ୟରେ ମାରପିଟ

**ରାଇଘର, ୧୫।୬ (କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଗଞ୍ଜାପାରା ପଞ୍ଚାୟତ ହାତୀବେନା ଡିଏନକେ ଗ୍ରାମରେ ଜମିଜମାକୁ କେନ୍ଦ୍ର କରି ପୂର୍ବରୁ ଗଣ୍ଡଗୋଳ ଲାଗିରହିଥିବା ବେଳେ ଗ୍ରାମର ୧୨ ପରିବାରକୁ ଗ୍ରାମବାସି ବାସନ୍ଦ କରି ରଖିଛନ୍ତି। ଏହି ଗଣ୍ଡଗୋଳକୁ ନେଇ ଜିଲାପାଳ, ପୋଲିସ ଅଧିକାରୀ, ତହସିଲଦାର, ରାଇଘର ବିଡିଓଙ୍କ ସମେତ ସମସ୍ତ ସରକାରୀ କର୍ମଚାରି ହାତୀବେନା ଡିଏନକେ ଗ୍ରାମରେ ଯାଇ ବାସନ୍ଦ ପରିବାର ଏବଂ ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ କିଛି ସମାଧାନ ହୋଇ ନ ଥିଲା। ଶୁକ୍ରବାର ପୁଣି ଏହି ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଛି। ଶୁକ୍ରବାର ବାସନ୍ଦ ଏବଂ ଗ୍ରାମବାସୀ ଉଭୟଦଳ ମାରପିଟ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଗୁରୁତରଙ୍କୁ ଉମରକୋଟ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ମେଡିକାଲ ଭିତରେ ପୋଲିସ ସମ୍ମୁଖରେ ଗୋଟେ ଗୋଷ୍ଠୀ ଅନ୍ୟ ଗୋଷ୍ଠୀଙ୍କୁ ମାଡ଼ ମାରିବାର ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଉମରକୋଟ ଏସ୍‌ଡିପିଓଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ ପହଞ୍ଚି ଉଭୟ ଦଳଙ୍କୁ ଡାକି ସମାଧାନ ପାଇଁ ବସିଥିଲେ। କିନ୍ତୁ ସମାଧାନ କିଛି ହେଇପାରିଲା ନାହିଁ। ଉଭୟ ପକ୍ଷ ରାଇଘର ଥାନାରେ ଲିଖିତ ଅଭିଯୋଗ କରିବା ପରେ ରାଇଘର ଥାନା କେସ୍ ନଂ. ୧୮୬/୨୪ ଓ ୧୮୭/୨୪ ରେ ମାମଲା ରୁଜୁ କରି ଶନିବାର ଉଭୟ ପକ୍ଷରୁ ୧୨ ଜଣଙ୍କୁ କୋର୍ଟ ଚଲାଣ କରିଛି।

# ଶହୀଦ ମିନାରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ


ଶହୀଦ ମିନାରସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିକଟରେ ମନ୍ତ୍ରୀ, ବିଧାୟକ ଓ ଭାଜପା ନେତା, କର୍ମୀମାନେ।

**ପାପଡାହାଣ୍ଡି,୧୫।୬ (ସ୍ୱପ୍ନଜିତ ପଟ୍ଟନାୟକ)**

## ମନ୍ତ୍ରୀ ଓ ବିଧାୟକଙ୍କ ପାପଡ଼ାହାଣ୍ଡି ଗସ୍ତ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ମହାକୁମାକୁ ଶନିବାର ଅପରାହ୍ନରେ କ୍ୟାବିନେଟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଗସ୍ତ କରିଥିଲେ। ଭାଜପାର ଦଳୀୟ କର୍ମୀ ଓ ଗ୍ରାମବାସୀ ମିଶି ନୀଳକଣ୍ଠେଶ୍ୱର ମନ୍ଦିର ସମ୍ମୁଖରେ ଭବ୍ୟ ସ୍ୱାଗତ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଓ ବିଧାୟକ ନୀଳକଣ୍ଠେଶ୍ୱର ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ପାପଡ଼ାହାଣ୍ଡିର ବରିଷ୍ଠ ଭାଜପା ନେତା ପି. ଭେଙ୍କଟ ରାଓ ଘରକୁ ଯାଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଥିଲେ । ସେଠାରୁ ଶହୀଦ ମିନାର ଯାଇ ସ୍ମୃତି ସ୍ତମ୍ଭ ଓ ଏହା ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟର୍ପଣ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବିଡ଼ିଓ କପିଳଦେବ ସାହୁ ଫୁଲ ତୋଡ଼ା ଦେଇ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ଗସ୍ତ ସମୟରେ ଭାଜପା ରାଜ୍ୟ ସମ୍ପାଦକ ରମେଶ ସାହୁ, ରାଜ୍ୟ ସମ୍ପାଦିକା ପୂର୍ଣ୍ଣିମା ନାୟକ, ଜିଲା ପୌରାଧକ୍ଷ କୁନୁ ନାୟକ, ନବରଙ୍ଗପୁର ଭାଜପା ଲୋକସଭା ପ୍ରଭାରୀ ମଞ୍ଜିର ଆଚାର୍ଯ୍ୟ, ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଶୁଭ୍ରଜିତ ପାଣିଗ୍ରାହୀ, ଜୟନ୍ତ ପାତ୍ର, ଲିଙ୍ଗରାଜ ଭତରା, ତ୍ରିନାଥ ଅମନାତ୍ୟ, ହରି ମୋହନ ଶର୍ମା, ହରି ପାଣିଗ୍ରାହୀ, ଦୀନବନ୍ଧୁ ବିଷୋୟୀ, ସୁନ୍ଦରଲାଲ ବିଷୋୟୀ, କୈଳାସ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ନିଆଯିବ କାର୍ଯ୍ୟାନୁଷ୍ଠାନ

**ନବରଙ୍ଗପୁର,୧୫।୬(ସଦାଶିବ ପ୍ରହରାଜ)**

ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ,ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିଭାଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି ଓ କୋଟପାଡ଼ ବିଧାୟକ ରୂପୁ ଭତରାଙ୍କୁ ଶନିବାର ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ନବରଙ୍ଗପୁରରେ ଏକ ବିଶାଳ ଶୋଭାଯାତ୍ରା କରାଯାଇଛି। ନବରଙ୍ଗପୁର ଇନ୍ଦ୍ରାବତୀ ପୋଲ ନିକଟରୁ ସର୍କିଟ ହାଉସ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯାଇଥିଲା। ସ୍ଥାନୀୟ ଭଣ୍ଡାରଘରଣୀ ମନ୍ଦିରରେ ମନ୍ତ୍ରୀ ଗଣ୍ଡ ଓ ଦୁଇ ବିଧାୟକ ମା'ଙ୍କ ଆଶିଷ ନେଇଥିଲେ। ସର୍କିଟ ହାଉସରେ ପୋଲିସ ସଲାମୀ ଦେଇ ସେମାନଙ୍କୁ ସମ୍ମାନିତ କରିଥିଲେ। ପରେ ଜିଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା।

ଏହାପରେ ସର୍କିଟ ହାଉସରେ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଗଣମାଧ୍ୟମର ଭୂମିକା ଭୁଲିହେବ ନାହିଁ । ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଗଣମାଧ୍ୟମ ସ୍ୱର ଉତ୍ତୋଳନ କରିଥିଲା। କେନ୍ଦ୍ର ଓ ରାଜ୍ୟରେ ଏବେ ଭାଜପା ସରକାର। ଅବହେଳିତ ଅଞ୍ଚଳର ବିକାଶ ହେବ ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି। ସମସ୍ତଙ୍କ ସହଯୋଗ ଓ ପ୍ରୟାସରେ ଉନ୍ନତି ହେବ କହି ମନ୍ତ୍ରୀ ଗଣମାଧ୍ୟମ, ଜନସାଧାରଣ ସମସ୍ତଙ୍କ ସହଯୋଗ କାମନା କରିଥିଲେ।


ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଅନ୍ୟ ଭାଜପା ନେତାମାନେ।

ପୂର୍ବରୁ ଜିଲାପାଳ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ଅଫିସର ରାଜ୍ ଚାଲିବ ନାହିଁ ବୋଲି ସେଠାରେ ମନ୍ତ୍ରୀ ସ୍ପଷ୍ଟ ଭାବେ କହିଥିଲେ। ସରକାରଙ୍କ ଯେଉଁ ସବୁ ଯୋଜନା ରହିଛି ତାହା କିଭଳି ଜନସାଧାରଣଙ୍କ ନିକଟରେ ପହଞ୍ଚିବ ସେ ନେଇ ଆଲୋଚନା ହୋଇଥିଲା। ପ୍ରଶାସନିକ ଅଧିକାରୀମାନେ ନିଜ ଦାୟିତ୍ୱ ଠିକ୍‌ଭାବେ ପରିଚାଳନା କରିବେ ବୋଲି କହିଛନ୍ତି। ସେହିଭଳି ଜୟପୁର-ନବରଙ୍ଗପୁର ରେଳପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ କେଉଁ ସ୍ତରରେ ରହିଛି, କ'ଣ ଅଛି ନା ଅନ୍ୟ କିଛି ସରକାରୀ ସହାୟତା ଆବଶ୍ୟକ ରହିଛି ସେନେଇ ଆଲୋଚନା ହୋଇଛି। ସରକାରୀସ୍ତରରେ ଅଟକି ରହିଥିବା କାର୍ଯ୍ୟ ତୁରନ୍ତ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିଥାନଲ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ କରାଯାଇ ନାହିଁ। ଏ ଦିଗରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ମନ୍ତ୍ରୀ ଗଣ୍ଡ ଜଣାଇଛନ୍ତି। ଉମରକୋଟରେ ତୁରନ୍ତ କିଭଳି ବ୍ଲଡ୍ ବ୍ୟାଙ୍କ କାର୍ଯ୍ୟକାରୀ ହେବ ସେଥିପ୍ରତି ଦୃଷ୍ଟଦେବାକୁ ଜିଲାପାଳ ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କୁହାଯାଇଛି। ଜିଲାରେ ଭୂ-ବନ୍ଦୋବସ୍ତ ହୋଇ ନାହିଁ ଏନେଇ ଆଲୋଚନା କରାଯାଇଛି। ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ। ଲୋକେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେବେ ନାହିଁ। ବିରୋଧୀ ଦଳରେ ଥିବା ବେଳେ ସ୍ୱଚ୍ଛ ଭାରତ ମିଶନ, ୫-ଟି ବିଦ୍ୟାଳୟ ରୂପାନ୍ତରଣରେ ଦୁର୍ନୀତି ଅଭିଯୋଗ ଆଣିଥିବା ବେଳେ ସେଥିପ୍ରତି କ'ଣ ପଦକ୍ଷେପ ନିଆଯିବ ବୋଲି ପ୍ରଶ୍ନ କରିବାରୁ ଯେକୌଣସି ଅନ୍ୟାୟ, ଦୁର୍ନୀତି, ଅତ୍ୟାଚାର ଘଟଣା ଦୃଷ୍ଟିକୁ ଆସିବ ସେଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି। ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝି, ପୌରାଧ୍ୟକ୍ଷ କୁନୁ ନାୟକ, ଜିଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ରାୟଗଡ଼ା ଜିଲା ପ୍ରଭାରୀ ଗୋବିନ୍ଦ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ଭାଜପା କର୍ମକର୍ତ୍ତା ଓ କର୍ମୀଙ୍କୁ ମନ୍ତ୍ରୀ ଭେଟିଥିଲେ।

**ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଖବରଦାତା ସମ୍ମିଳନୀ, ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା**

- ଅଫିସର ରାଜ୍ ଚଳିବ ନାହିଁ ବୋଲି ମନ୍ତ୍ରୀଙ୍କ ଦୃଢ଼ୋକ୍ତି
- ପ୍ରଶାସନିକ ଅଧିକାରୀ ଯୋଜନା କାର୍ଯ୍ୟକାରୀ ପ୍ରତି ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ

